ଓଡ଼ିଶା ସରକାର

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ସଂସ୍କୃତି ଭବନ, ସଂଗ୍ରହାଳୟ ପରିସର, କଳ୍ପନା ଛକ, ଭୁବନେଶ୍ୱର-୧୪, ଇ-ମେଲ: directorateofculture@gmail.com

---

ସଂଖ୍ୟା-OLLCD-ACDM-OSA-0003-2023- ୪୮୫୦ /ଓ.ଭା.ସା.ସଂ.ନି., ତାରିଖ- ୨୧/୦୭/୨୦୨୩

ପ୍ରେରକ

ଶ୍ରୀ ଦିଲୀପ ରାଉତରାଏ,

ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ।

ପ୍ରାପକ

ନିର୍ଦ୍ଦେଶକ,

ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ।

ବିଷୟ: "୧୦୦ଟି ଉଚ୍ଚ କୋଟୀର ଓ ସର୍ବକାଳୀନ ଶ୍ରେଷ୍ଠ ଓଡ଼ିଆ ଗଳ୍ପକୁ ଓଡ଼ିଆ ଭାଷାରୁ ଅନ୍ୟ ବୈଦେଶିକ ଭାଷାକୁ ଅନୁବାଦ" କରିବା ନିମନ୍ତେ ବିଜ୍ଞାପନ ପ୍ରକାଶନ ସମ୍ପର୍କରେ ।

ମହାଶୟ,

ଉପରୋକ୍ତ ପ୍ରସଙ୍ଗାନୁକ୍ରମେ ମୁଁ ଜଣାଉଅଛି "୧୦୦ଟି ଉଚ୍ଚ କୋଟୀର ଓ ସର୍ବକାଳୀନ ଶ୍ରେଷ୍ଠ ଓଡ଼ିଆ ଗଳ୍ପକୁ ଓଡ଼ିଆ ଭାଷାରୁ ଅନ୍ୟ ବୈଦେଶିକ ଭାଷାକୁ ଅନୁବାଦ" କରିବା ନିମନ୍ତେ ଏହାର ବିଜ୍ଞାପନର ନକଲ ସଂଲଗ୍ନକ ପୂର୍ବକ ତା-୨୪.୦୭.୨୦୨୩ରିଖରେ ରାଜ୍ୟର ବହୁଳ ପ୍ରସାରିତ ତିନୋଟି ପ୍ରମୁଖ ଓଡ଼ିଆ ଦୈନିକ ଖବରକାଗଜରେ ଉକ୍ତ ବିଜ୍ଞାପନ ପ୍ରକାଶ କରିବାକୁ ଅନୁରୋଧ ।

ସଂଲଗ୍ନକ-ବିଜ୍ଞାପନର ନକଲ

ଆପଣଙ୍କର ବିଶ୍ୱସ୍ତ,

ଦିଲୀପ ରାଉତରାଏ ୨୧/୭

ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ଜ୍ଞାପକ ସଂଖ୍ୟା- ୯୮୬୧ /ଓ.ଭା.ସା.ସଂ.ନି., ତାରିଖ- ୨୧/୦୩/୨୦୨୩

ବିଜ୍ଞାପନର ନକଲ ସହିତ ଏହାର ଏକକିତା ନକଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ତାଙ୍କ ବରିଷ୍ଠ ବ୍ୟକ୍ତିଗତ ସହାୟକଙ୍କ ନିକଟକୁ ପ୍ରେରଣ କରାଗଲା ।

ଯୁଗ୍ମ ନିର୍ଦ୍ଦେଶକ

ଜ୍ଞାପକ ସଂଖ୍ୟା- ୯୮୬୨ /ଓ.ଭା.ସା.ସଂ.ନି., ତାରିଖ- ୨୧/୦୩/୨୦୨୩

ଏହାର ଏକକିତା ନକଲ ସମ୍ପାଦକ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଯୁଗ୍ମ ନିର୍ଦ୍ଦେଶକ

ଜ୍ଞାପକ ସଂଖ୍ୟା- ୯୮୬୩ /ଓ.ଭା.ସା.ସଂ.ନି., ତାରିଖ- ୨୧/୦୩/୨୦୨୩

ବିଜ୍ଞାପନର ନକଲ ସହିତ ଏହାର ଏକକିତା ନକଲ Project Management Unit (PMU), ସଂସ୍କୃତି ଭବନ, ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ଜନସାଧାରଣଙ୍କ ଅବଗତି ନିମନ୍ତେ ବିଜ୍ଞାପନଟିକୁ ବିଭାଗର ୱେବସାଇଟ: www.culture.odisha.gov.in ରେ ସ୍ଥାନିତ କରିବାକୁ ଅନୁରୋଧ ।

ଯୁଗ୍ମ ନିର୍ଦ୍ଦେଶକ

ଓଡ଼ିଶା ସରକାର

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

ସଂସ୍କୃତି ଭବନ, ସଂଗ୍ରହାଳୟ ପରିସର, କଳ୍ପନା ଛକ, ଭୁବନେଶ୍ୱର-୧୪, ଇ-ମେଲ: directorateofculture@gmail.com

---

## ବିଜ୍ଞାପନ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧୦୦ଟି ଉଚ୍ଚ କୋଟୀର ଓ ସର୍ବକାଳୀନ ଶ୍ରେଷ୍ଠ ଓଡ଼ିଆ ଗଳ୍ପକୁ ଇଂରାଜୀ, ସ୍ପାନିସ, ଫ୍ରେଞ୍ଚ, ଜର୍ମାନୀ ଓ ଜାପାନୀ ଭାଷାରେ ଅନୁବାଦ କରିବା ପାଇଁ ଦରଖାସ୍ତ ଆହ୍ୱାନ

---

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧୦୦ଗୋଟି ଉଚ୍ଚ କୋଟୀର ଓ ସର୍ବକାଳୀନ ଶ୍ରେଷ୍ଠ ଓଡ଼ିଆ ଗଳ୍ପକୁ ଇଂରାଜୀ, ସ୍ପାନିସ, ଫ୍ରେଞ୍ଚ, ଜର୍ମାନୀ ଓ ଜାପାନୀ ଭାଷାରେ ଅନୁବାଦ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ସଂସ୍ଥା/ ସଂଗଠନ/ ଅନୁଷ୍ଠାନ/ ବ୍ୟକ୍ତିବିଶେଷମାନେ ସେମାନଙ୍କ ଅନୁବାଦ କ୍ଷେତ୍ରରେ ଥିବା ଅଭିଜ୍ଞତାର ପ୍ରମାଣପତ୍ର ସହ ଆସନ୍ତା ତା-୭/୦୮/୨୦୨୩ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ସରକାରୀ ଛୁଟି ଦିନ ବ୍ୟତୀତ) ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଂସ୍କୃତି ଭବନ, ସଂଗ୍ରହାଳୟ ପରିସର, ବିଜେବି ନଗର, ଭୁବନେଶ୍ୱର-୭୫୧୦୧୪ଙ୍କୁ ଦରଖାସ୍ତ ମାଧ୍ୟମରେ ଆବେଦନ କରିପାରିବେ । ଏ ସମ୍ପର୍କିତ ସମସ୍ତ ତଥ୍ୟ ତଥା ଆବେଦନ ପାଇଁ ଆବଶ୍ୟକ ନମୁନା ଦରଖାସ୍ତ ଫର୍ମ ପ୍ରାପ୍ତି ନିମନ୍ତେ ବିଭାଗୀୟ ୱେବସାଇଟ: www.culture.odisha.gov.in କୁ ପରିଦର୍ଶନ କରିପାରିବେ ।

କାର୍ଯ୍ୟ:

୧. ୧୦୦ଟି ଉଚ୍ଚ କୋଟୀର ଓ ସର୍ବକାଳୀନ ଶ୍ରେଷ୍ଠ ଓଡ଼ିଆ କ୍ଷୁଦ୍ର ଗଳ୍ପକୁ ଚୟନ କରିବା ଏବଂ ଉକ୍ତ ଗଳ୍ପଗୁଡ଼ିକୁ ଇଂରାଜୀ ଭାଷାରେ ଅନୁବାଦ କରିବା ।

୨. ଉକ୍ତ ଇଂରାଜୀ ଅନୁବାଦିତ ଗଳ୍ପଗୁଡ଼ିକ ମଧ୍ୟରୁ ୨୫ ଗୋଟି ଲେଖାଏଁ ଗଳ୍ପ ଅନ୍ୟ ଚାରିଗୋଟି ବୈଦେଶିକ ଭାଷା ଯଥା ସ୍ପାନିସ, ଫ୍ରେଞ୍ଚ, ଜର୍ମାନ ଓ ଜାପାନୀ ଭାଷାରେ ଅନୁବାଦ କରି ମୁଦ୍ରଣ କରିବା ।

୩. ସେହି ଗଳ୍ପଗୁଡ଼ିକର କପିରାଇଟ (Copyright) ସଂକ୍ରାନ୍ତୀୟ ଅନୁମୋଦନ ମୂଳ ଲେଖକଙ୍କ ଠାରୁ ଆଣିବା ।

୪. ଉପରୋକ୍ତ ସମସ୍ତ କାର୍ଯ୍ୟକୁ ଡିସେମ୍ବର ୩୧ସୁଦ୍ଧା ସମ୍ପାଦନ କରିବା ।

ବି.ଦ୍ର.: ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ ଆବେଦନ କରାଯାଇଥିବା ଦରଖାସ୍ତକୁ ନାକଚ କରାଯାଇପାରିବ ।

ନିର୍ଦ୍ଦେଶକ,

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

# <u>ଆବେଦନ ଫର୍ମ</u>

"୧୦୦ଟି ଉଚ୍ଚ କୋଟୀର ଓ ସର୍ବକାଳୀନ ଶ୍ରେଷ୍ଠ ଓଡ଼ିଆ ଗଳ୍ପକୁ ଓଡ଼ିଆ ଭାଷାରୁ ଅନ୍ୟ ବୈଦେଶିକ ଭାଷାକୁ ଅନୁବାଦ"

*****

| | | |
|---|---|---|
| ୧. | ସଂସ୍ଥା/ ସଂଗଠନ/ ଅନୁଷ୍ଠାନ/ ବ୍ୟକ୍ତିବିଶେଷଙ୍କ ନାମ | : |
| ୨. | ସଂସ୍ଥା/ ସଂଗଠନ/ ଅନୁଷ୍ଠାନ/ ବ୍ୟକ୍ତିବିଶେଷଙ୍କ ଠିକଣା, ଫୋନ ନମ୍ବର ଓ ଇମେଲ | : |
| ୩. | ଅନୁବାଦ କ୍ଷେତ୍ରରେ ଥିବା ପାରଦର୍ଶିତା/ ଅଭିଜ୍ଞତା (ପ୍ରମାଣପତ୍ରର ନକଲ ଦାଖଲ କରିବେ) | : |
| ୪. | ଅନୁବାଦ କ୍ଷେତ୍ରରେ ଲାଭ କରିଥିବା ପୁରସ୍କାର ବିବରଣୀ (ପ୍ରମାଣପତ୍ରର ନକଲ ଦାଖଲ କରିବେ) | : |

ଉପରୋକ୍ତ ସମସ୍ତ ତଥ୍ୟ ସଠିକ୍ ଅଟେ ।

ସଂସ୍ଥା/ ସଂଗଠନ/ ଅନୁଷ୍ଠାନ/ ବ୍ୟକ୍ତିବିଶେଷଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର

(ସଂସ୍ଥା/ ସଂଗଠନ/ ଅନୁଷ୍ଠାନ କ୍ଷେତ୍ରରେ ତତ୍ତ୍ୱାବଧାରକଙ୍କ ସ୍ୱାକ୍ଷର)